# ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ, କେନ୍ଦୁପାଟଣା

ସା.-କୁଲିଆ, ପୋ. : ସୁନାଖଣ୍ଡି, ଜିଲ୍ଲା : କଟକ,

ପତ୍ର ସଂଖ୍ୟା :......002......                                                                 ତାରିଖ :...24.04.2023

ଏତଦ୍ୱାରା ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା ଅଧିନସ୍ଥ ସମସ୍ତ ଚାଷୀଭାଇ, ଭଉଣୀ ଓ ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରୀତ ବଜାର କମିଟି ଅନ୍ତର୍ଗତ କଟକ ଦକ୍ଷିଣ ଦେଉଳସାହି, ବିଡ଼ାନାସୀସ୍ଥିତ କୃଷକ ବଜାର ପ୍ରାଙ୍ଗଣ ମଧ୍ୟରେ ତିନିଗୋଟି (୩) ଦୋକାନଗୃହ (Sundry shop) ଓ ମୁଖ୍ୟ ବଜାର ପ୍ରାଙ୍ଗଣ କୁଲିଆ ଠାରେ ପାଞ୍ଚଗୋଟି (୫) ଦୋକାନ ଗୃହ (Sundry shop) ଓ ଦୁଇ (୨) ଗୋଟି ୧୦୦୦ ମେଟ୍ରିକ ଟନ୍ ବିଶିଷ୍ଟ ଗୋଦାମ ଗୃହ ଗୁଡ଼ିକୁ ମାସିକ ଭଡ଼ା ସୂତ୍ରରେ ନିମ୍ନ ନିୟମାବଳୀ ଅନୁଯାୟୀ ଆବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

୧. ଆବେଦନକାରୀ କଟକ ଜିଲ୍ଲାର ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ଆବେଦନକାରୀ ଆବେଦନ ପତ୍ର ସହିତ ନିଜର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ଼ର ଅବିକଳ ନକଲ ସଂଲଗ୍ନ କରିବେ ।

୩. ଜଣେ ଆବେଦନକାରୀ ପ୍ରସ୍ତାବିତ ଦୋକାନ ଗୃହ ଓ ଗୋଦାମ ଗୃହ ମଧ୍ୟରୁ ଯେକୌଣସି ଗୋଟିକ ପାଇଁ ଆବେଦନ କରିପାରିବେ ।

୪. ଦୋକାନ ଗୃହ ଓ ଗୋଦାମ ଗୃହ ଗୁଡ଼ିକ କେବଳ କୃଷିଜାତ ଦ୍ରବ୍ୟ ଓ ଏହାର ଆନୁସଙ୍ଗିକ ଦ୍ରବ୍ୟର କ୍ରୟ-ବିକ୍ରୟ ଓ ରକ୍ଷଣ ପାଇଁ ଉଦ୍ଦିଷ୍ଟ ।

୫. ଆବେଦନକାରୀ ଉପରୋକ୍ତ ଦୋକାନଗୃହ ଓ ଗୋଦାମ ଗୃହ ନିମିତ୍ତ ଆବେଦନ ପତ୍ର ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଓ କଟକସ୍ଥିତ କୃଷକ ବଜାର ଚାଷୀ ସୂଚନା କେନ୍ଦ୍ରରେ ତା ୨୫.୦୪.୨୦୨୩ ରିଖଠାରୁ ତା ୦୪.୦୫.୨୦୨୩ ରିଖ ପର୍ଯ୍ୟନ୍ତ (ସରକାରୀ କାର୍ଯ୍ୟ ଦିବସରେ) ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ଆବେଦନ ପତ୍ରର ଧାର୍ଯ୍ୟ ମୂଲ୍ୟ ଟ ୨୦୦/-ଙ୍କା ଦାଖଲ କରି ପ୍ରାପ୍ତହେବେ ।

୬. କୃଷକ ବଜାରସ୍ଥିତ ୩ ଗୋଟି ଦୋକାନ ଗୃହ (Sundry shop) ନିମିତ୍ତ ଅମାନତ ରାଶି ଟ ୫୦,୦୦୦/- (ପଚାର ହଜାର ଟଙ୍କା) ଓ ମାସିକ ଭଡ଼ା ଟ୨,୫୦୦/- (ଦୁଇ ହଜାର ପାଞ୍ଚଶହ ଟଙ୍କା) ନିର୍ଦ୍ଧାରିତ ହୋଇଅଛି । ପୁନଶ୍ଚ ମୁଖ୍ୟ ବଜାର ପ୍ରାଙ୍ଗଣ କୁଲିଆସ୍ଥିତ ପାଞ୍ଚଗୋଟି ଦୋକାନ ଗୃହ (Sundry shop) ନିମିତ୍ତ ଅମାନତ ରାଶି ଟ ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) ଓ ମାସିକ ଭଡ଼ା ଟ ୧୦୦୦/- (ଏକ ହଜାର ଟଙ୍କା) ନିର୍ଦ୍ଧାରିତ ହୋଇଅଛି ଏବଂ ୨ଗୋଟି ୧୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିମନ୍ତେ ଅମାନତ ରାଶି ଟ ୫୦,୦୦୦/- (ପଚାଶ ହଜାର ଟଙ୍କା) ଓ ମାସିକ ଭଡ଼ା ଟ ୨୫,୦୦୦/- (ପଚିଶ ହଜାର ଟଙ୍କା) ଧାର୍ଯ୍ୟ କରାଇଅଛି ।

୭. ଆବେଦନ ପତ୍ର ସହ ଆବେଦନକାରୀ ପ୍ରସ୍ତାବିତ ଦୋକାନ ଗୃହ ଓ ଗୋଦାମ ଗୃହ ନିମିତ୍ତ ଅମାନତ ରାଶି ବାବାଦକୁ ଟ ୧୦,୦୦୦/- ଓ ୫୦,୦୦୦/- ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା, କଟକ (In favour of Secretary, Regulated Market Committee, Kendupatna, payable at Cuttack)ଙ୍କୁ ଦେୟର ଏକ ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିବେ । ଅନ୍ୟଥା ଆବେଦନ ପତ୍ରଟିକୁ ବିଚାରକୁ ନିଆଯିବ ନାହିଁ । ଦୋକାନ ଗୃହ ଓ ଗୋଦାମ ଗୃହ ପାଇବାରୁ ବଞ୍ଚିତ ଆବେଦନକାରୀଙ୍କ ଅମାନତ ରାଶିକୁ ଫେରସ୍ତ ଦିଆଯିବ ।

୮. ଆବେଦନ ପତ୍ର ଗୁଡ଼ିକୁ ନିର୍ଦ୍ଧାରିତ ତା ୨୫.୦୪.୨୦୨୩ ରିଖଠାରୁ ତା ୦୪.୦୫.୨୦୨୩ରିଖ ଅପରାହ୍ନ ୧ ଘଟିକା ମଧ୍ୟରେ ଉପଜିଲ୍ଲାପାଳ, ସଦର କଟକ, ସା/ପୋ ଚାନ୍ଦିନୀଚୌକ, କଟକ-୭୫୩୦୦୨ଙ୍କ ଦପ୍ତରରେ ଥିବା ଡ୍ରପିଂ ବକ୍ସରେ ପହଞ୍ଚିବା ନିତାନ୍ତ ଆବଶ୍ୟକ । ଏହା ପ୍ରତ୍ୟକ୍ଷ ଭାବରେ ଡ୍ରପିଂ ବକ୍ସରେ ପକାଇ ପାରିବେ କିମ୍ବା Regd. Post / Speed Post ମାଧ୍ୟମରେ ଉକ୍ତ କାର୍ଯ୍ୟାଳକୁ ପ୍ରେରଣ କରିପାରିବେ ।

୯. ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଗ୍ରହଣ କରାଯାଇଥିବା ଆବଦନ ପତ୍ର ଗୁଡ଼ିକୁ ଯାଞ୍ଚ କମିଟି ଦ୍ୱାରା ତା ୦୬.୦୫.୨୦୨୩ ରିଖ ୧୧ ଘଟିକା ସମୟରେ ଯାଞ୍ଚ କରାଯାଇ ବୈଧ ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ଓ ଆବଶ୍ୟକସ୍ଥଳେ ଲଟେରୀ ମାଧ୍ୟମରେ ଚୟନ କରାଯିବ । ଏଥିପାଇଁ ଆବେଦନକାରୀଙ୍କୁ ନିବେଦନ ଏହିକି ଯେ ତା ୦୬.୦୫.୨୦୨୩ ରିଖ ଦିବା ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରିବେ ।

୧୦. ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ସାରିବା ପରେ ଯଦି କୌଣସି ଯୋଗ୍ୟବିବେଚିତ ଆବେଦନକାରୀ ନିଜ ଆବଣ୍ଟିତ ଦୋକାନ ଗୃହ କିମ୍ବା ଗୋଦାମ ଗୃହକୁ ପ୍ରତ୍ୟାହାର କରିବା ପାଇଁ ଚାହାନ୍ତି ସେପରିସ୍ଥଳେ ଉକ୍ତ ଆବେଦନକାରୀଙ୍କ ଅମାନତ ରାଶିରୁ ୨୦ ପ୍ରତିଶତ ରାଶିକୁ ବାଦଦେଇ ଅବଶିଷ୍ଟ ରାଶିକୁ ଫେରସ୍ତ ଦିଆଯିବ ।

ଉକ୍ତ ବିଜ୍ଞାପନ ମାଧ୍ୟମରେ ଗ୍ରହଣ କରାଯାଇଥିବା ଯେକୌଣସି ବା ସମସ୍ତ ଆବେଦନକୁ ବିନା ନୋଟିସରେ ନାକଚ କରିବା ପାଇଁ ଉପଜିଲ୍ଲାପାଳ ସଦର, କଟକ ତଥା ଅଧକ୍ଷ, ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା, କଟକ କ୍ଷମତାପ୍ରାପ୍ତ ଅଟନ୍ତି ।

ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ
ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା
24/04/23